### ବିଡବ୍ଲ୍ୟୁଏଫ୍ ପକ୍ଷରୁ ୨୦୨୦ ସିଜନ୍ ପୁନଃନିର୍ଦ୍ଧାରିତ: ଡିସେମ୍ବର ୮ରୁ ଇଣ୍ଡିଆ ଓପନ୍

# ଅଗଷ୍ଟ ୧୧ରେ ଫେରିବ ବ୍ୟାଡ୍‌ମିଣ୍ଟନ୍

**ଲୌସେନ,୨୨।୫/ଏଜେନ୍ସି:** ୨୦୨୦ ବ୍ୟାଡମିଣ୍ଟନ୍ ସିଜନ୍ କରୋନା ଭୂତାଣୁ ସଂକ୍ରମଣ କାରଣରୁ ବାଧାପ୍ରାପ୍ତ ହୋଇଥିବା ବେଳେ ପାଖାପାଖି ୨ ମାସ ହେଲା କୌଣସି ମ୍ୟାଚ୍ ଆୟୋଜିତ ହୋଇପାରିନାହିଁ। ଗତ ମାର୍ଚ୍ଚ ୧୫ ତାରିଖରେ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ସିପ୍ ଶେଷ ଟୁର୍ଣ୍ଣାମେଣ୍ଟ ଭାବେ ଖେଳାଯାଇଥିଲା। ତେବେ ଶୁକ୍ରବାର ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ ମହାସଂଘ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ଚଳିତ ସିଜନର ଟୁର୍ଣ୍ଣାମେଣ୍ଟଗୁଡ଼ିକର ତାରିଖ ପୁନଃର୍ନିଦ୍ଧାରଣ କରାଯାଇଛି। ଏହି ଅନୁସାରେ, ଆସନ୍ତା ଅଗଷ୍ଟ ୧୧ ତାରିଖରେ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ପ୍ରତ୍ୟାବର୍ତ୍ତନ କରିବ। ଉକ୍ତ ଦିନ ହାଇଦ୍ରାବାଦ ଓପନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଅଗଷ୍ଟ ୧୬ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟଟି ହାଇଦ୍ରାବାଦର ଗାଚିବୋଲି ଷ୍ଟାଡିୟମ୍‌ରେ ଖେଳାଯିବ। ସେହିପରି ଗତ ମାର୍ଚ୍ଚ ୨୪ରୁ ୨୯ ତାରିଖ ଯାଏଁ ହେବାକୁ ଥିବା ଇଣ୍ଡିଆ ଓପନ୍ ଏବେ ଆସନ୍ତା ଡିସେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। କୋରୋନା ଭୂତାଣୁ ସଂକ୍ରମଣ କାରଣରୁ ଇଣ୍ଡିଆ ଓପନ୍ ମାର୍ଚ୍ଚ ୨୪ରେ ଆରମ୍ଭ ହୋଇ ନ ପାରିବାରୁ ଏହାକୁ ଗତ ମେ' ୧୩ ତାରିଖରେ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନ ନ ହେବାରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇପାରିନାହିଁ। ସେହିପରି ସୟଦ୍ ମୋଦି ଇଣ୍ଟରନ୍ୟାସନାଲ୍ ବ୍ୟାଡମିଣ୍ଟନ୍ ଆସନ୍ତା



ନଭେମ୍ବର ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି। ଏହାଛଡ଼ା ଥୋମାସ୍ ଓ ଉବେର୍ କପ୍ ଫାଇନାଲ୍ସ ଡେନମାର୍କର ଆରହୁସଠାରେ ଆସନ୍ତା ଅକ୍ଟୋବର ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ସେପ୍ଟେମ୍ବର ୧ରୁ ୬ ତାରିଖ ପର୍ଯ୍ୟନ୍ତ ତାଇପେଇ ଓପନ୍ ଖେଳାଯିବା ସହ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟୁର୍ଣ୍ଣାମେଣ୍ଟ ପ୍ରତ୍ୟାବର୍ତ୍ତନ କରିବ। ସିଜନ୍‌ର ଶେଷ ଟୁର୍ଣ୍ଣାମେଣ୍ଟ ଏଚ୍‌ଏସ୍‌ବିସି ବିଡବ୍ଲ୍ୟୁଏଫ୍ ଓର୍ଲ୍ଡ ଟୁର୍ ଫାଇନାଲ୍ସ ଗୁଆଙ୍ଗ୍‌ଝୌଠାରେ ସପ୍ତାହେ ବିଳମ୍ବରେ ଅର୍ଥାତ୍ ଡିସେମ୍ବର ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

ତେବେ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଖେଳାଯିବାକୁ ଥିବା ୪ଟି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଜର୍ମାନ୍ ଓପନ, ସ୍ୱିସ୍ ଓପନ୍, ୟୁରୋପିଆନ୍ ଚାମ୍ପିଅନସିପ୍ ଓ ଅଷ୍ଟ୍ରେଲିଆନ୍ ଓପନକୁ ବାତିଲ୍ କରାଯାଇଛି। ଅବଶ୍ୟ ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟଗୁଡ଼ିକ ପାଇଁ ଭିନ୍ନ ତାରିଖ ଘୋଷଣା ହେବାର ସମ୍ଭାବନା ମଧ୍ୟ ରହିଛି ବୋଲି ବିଡବ୍ଲ୍ୟୁଏଫ୍ ପକ୍ଷରୁ ମହାସଚିବ ଥୋମାସ୍ ଲୁଣ୍ଡ୍ କହିଛନ୍ତି। ସେ ପରିବର୍ତ୍ତିତ କାର୍ଯ୍ୟସୂଚୀ ସମ୍ପର୍କରେ କହିଛନ୍ତି ଯେ ଯଦିଓ କରୋନା ଭୂତାଣୁ ସଂକ୍ରମଣଜନିତ ସ୍ଥିତିରେ ସୁଧାର କେବେ ହେବ ସେନେଇ କୌଣସି ପୂର୍ବାନୁମାନ କରାଯିବା ସମ୍ଭବ ନୁହେଁ, ତଥାପି ଖୁବଶୀଘ୍ର ଆମେ ବ୍ୟାଡମିଣ୍ଟନ୍ କୋର୍ଟକୁ ଫେରିବୁ। ଅନେକ ଦେଶରେ ପ୍ରବେଶ ଉପରେ କଟକଣା ଲାଗିଥିବାରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ କେବେ ଖେଳାଯିବ, ସେ ନେଇ ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ପରିସ୍ଥିତିରେ ସୁଧାର ଆସିଲେ ଓ ଖେଳାଳିଙ୍କ ସକାଶେ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲେ ହିଁ ଖେଳାଳିମାନେ କୋର୍ଟକୁ ଫେରିବା ଉଚିତ ହେବ ବୋଲି ଲୁଣ୍ଡ୍ କହିଛନ୍ତି। କୋରୋନା ଭୂତାଣୁ ସଂକ୍ରମଣ କାରଣରୁ ବିଡବ୍ଲ୍ୟୁଏଫକୁ ୮ଟି ଟୁର୍ଣ୍ଣାମେଣ୍ଟର ତାରିଖ ପୁନର୍ବାର ଧାର୍ଯ୍ୟ କରିବାକୁ କରିବାକୁ ପଡ଼ିଛି।

## ଭାରତୀୟ ଖେଳାଳିଙ୍କ ବିରୋଧ

**ନୂଆଦିଲ୍ଲୀ,୨୨।୫/ଏଜେନ୍ସି:** ବିଡବ୍ଲ୍ୟୁଏଫ୍ ପକ୍ଷରୁ ୨୦୨୦ ସିଜନ୍‌ର ଟୁର୍ଣ୍ଣାମେଣ୍ଟଗୁଡ଼ିକ ପାଇଁ ପରିବର୍ତ୍ତିତ ତାରିଖ ଘୋଷଣା କରାଯାଇଥିବା ବେଳେ ଏହାକୁ ଭାରତର ତିନି ପ୍ରମୁଖ ବ୍ୟାଡ୍‌ମିଣ୍ଟ ଖେଳାଳି ବିରୋଧ କରିଛନ୍ତି। ପୁରୁଷ ଖେଳାଳି ପାରୁପାଲ୍ଲୀ କଶ୍ୟପ ମାତ୍ର ୫ ମାସ ମଧ୍ୟରେ ୨୨ଟି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଥିବାରୁ ଏପରି ବ୍ୟସ୍ତ କାର୍ଯ୍ୟସୂଚୀ ନିଶ୍ଚିତ ଭାବେ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିବ। କରୋନା ଭୂତାଣୁ ସଂକ୍ରମଣ କାରଣରୁ କେବେଠାରୁ ଖେଳାଳିମାନେ ଅଭ୍ୟାସ କରିବେ, ତାହା ଅଦ୍ୟାବଧି ନିଶ୍ଚିତ ହୋଇନାହିଁ ବୋଲି ଟ୍ୱିଟ୍ କରି କଶ୍ୟପ କହିଛନ୍ତି। ସେହିପରି ଅନ୍ୟତମ ପୁରୁଷ ଖେଳାଳି ସାଇ ପ୍ରଣୀତ ଏପରି ସ୍ୱଳ୍ପ ସମୟ ମଧ୍ୟରେ ଏତେ ଅଧିକ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ ବୋଲି କହିବା ସହ କରୋନା ଭୂତାଣୁ ସଂକ୍ରମଣ ପରିସ୍ଥିତିରେ ଯାତ୍ରା କମ୍ କରାଯିବା ସ୍ଥଳେ ଆମକୁ ଢେର୍ ଯାତ୍ରା କରିବାକୁ ପଡ଼ିବ ବୋଲି ଟ୍ୱିଟ୍ କରି କହିଛନ୍ତି। ସେହିପରି ମହିଳା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ସାଇନା ନେହ୍ୱାଲ୍ ୫ ମାସରେ ନନ୍‌ଷ୍ଟପ୍ ଯାତ୍ରା କରାଯିବାକୁ ଥିଲେ ହେଁ ଅନ୍ତର୍ଜାତୀୟ ନିୟମାବଳୀ କ'ଣ ରହିଛି, ତାହା ଉପରେ ମଧ୍ୟ ବିଚାର କରାଯିବାର ଥିଲା ବୋଲି ଟ୍ୱିଟରରେ ଦର୍ଶାଇଛନ୍ତି।

ନିତିଦିନ NITIDIN Sat, May 23, 2020
http://odishanewsnitidin.com